ଶ୍ରୀ ସ୍ତୋତ୍ରରତ୍ନ

ଲେଖକ-ଶ୍ରୀ ଶ୍ରୀ ବରଦରାଜ ଚରଣପଙ୍କଜ
ମଧୁପାନ ଭୃଙ୍ଗରାଜ ଶ୍ରୀ ଯାମୁନା ଚାର୍ଯ୍ୟ
ଅନୁବାଦକ—ଶ୍ରୀ ସମ୍ପତ୍‌କୁମାରାଚାର୍ଯ୍ୟ ବା ରାଜବ ହୋତୃଶର୍ମା

(ଖ୍ରୀଷ୍ଟିୟ ୧୧ଦଶ ଶତକ)



ଜଗନ୍ନାଥ ମନ୍ଦିର
ଐତିହାସିକ ଗବେଷଣା
ସମିତି

ଭଦ୍ରନନ୍ଦନ ପୁସ୍ତକାଳୟ, ଏମାର୍ ମଠ, ପୁରୀ ।



ସମର୍ପଣପତ୍ର ମିଦଂ

ଶ୍ରୀ ବୈଷ୍ଣବାଦ ସର୍ବସଜ୍ଜନ ସମାରାଧନୀୟ ପୂଜ୍ୟପାଦ ଶ୍ରୀ ଷଟଦ୍ୟାସ୍ତ୍ରାମ୍ବୁ ବର୍ଦ୍ଧକ ଶ୍ରୀ ହରିଭକ୍ତି ପରାୟଣ ଶ୍ରୀ ୧୦୮ ଶ୍ରୀ ମହାନ୍ତ ଗଦାଧର ରାମାନୁଜଦାସ ମହାରାଜାନାଂ କରକମଳେ ଇଦଂ ଯାମୁନାଚାର୍ଯ୍ୟକୃତ ସ୍ତୋତ୍ରରତ୍ନ ଭକ୍ତ୍ୟା । ସମର୍ପିତ ମସ୍ତୁ ।

ପ୍ରଣତଦାସ

ଶ୍ରୀ ଜଗନ୍ନାଥ ପ୍ରସାଦଶର୍ମା

ଶ୍ରୀମତେ ରାମାନୁଜାୟ ନମଃ



ଉତ୍କଳ ବିଗତ ସପ୍ତ ସହସ୍ର ବର୍ଷାବଧି ଶ୍ରୀ ସମ୍ପ୍ରଦାୟର ଦର୍ଶନରେ ମୁଗ୍ଧ ଓ ଅନୁଧାବିତ । ଶ୍ରୀ ରାମାନୁଜାଚାର୍ଯ୍ୟଙ୍କର ପ୍ରଦର୍ଶିତ ପନ୍ଥା ଅର୍ଥାତ ବିଶିଷ୍ଟାଦ୍ୱୈତ ବାଦର ଅପ୍ରୋସ୍ୱର୍ଗ ସ୍ରବଧାରହିଁ ବର୍ତ୍ତମାନ ଜଗତରେ ଏକମାତ୍ର ଆଶ୍ରୟ ଓ କାମ୍ୟ, ଏହା ସହଜେ ଅନୁମେୟ । ତେଣୁ ତାହାହିଁ ନିଖିଳ ବିଶ୍ୱର ପାଥେୟ ବା ପ୍ରକୃଷ୍ଟ ପନ୍ଥା, ଭଗବାନ ସ୍ୱୟଂ କହି ଅଛନ୍ତି ।

" ସର୍ବ ଧର୍ମାନପରିତ୍ୟଜ୍ୟ ମା ମେକଂ ଶରଣଂ ବ୍ରଜ "

ସେହି ପବିତ୍ର ପନ୍ଥାର ପରିପୃଷ୍ଟକ ଶ୍ରୀ ମଦ୍‌ରାମାନୁଜାଚାର୍ଯ୍ୟଙ୍କର ଆଜି ୯୩୫ ବର୍ଷୀୟ ଜୟନ୍ତୀରେ ଶ୍ରୀ ବରଦରାଜଙ୍କ ଉଦ୍ଦେଶ୍ୟରେ ରଚିତ ସ୍ତୋତ୍ରରତ୍ନର ପ୍ରାଚୀନ ଅନୁବାଦଟିକୁ ସାଧାରଣରେ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଆଶା କରେ ବର୍ତ୍ତମାନ କାଳର କଟିଳ ଅଦ-ଣିନ ମଧ୍ୟରେ ଯେଉଁ ମହାସଙ୍କଟ ପୃଥିବୀ ଉପରକୁ ଆସୁଛି ସେଥିରୁ ରକ୍ଷା ପାଇବା ଦିଗରେ ଉକ୍ତ ପ୍ରପନ୍ନାତ୍ମକ ସର୍ବ ଶ୍ରେଷ୍ଠ ରଚନା ଅର୍ଥୀ ପ୍ରାଣରେ ଈଶ୍ୱର ନିର୍ଭରତା ଜାଗରିତ କରିବ ଓ ଅମୃତସିଦ୍ଧି ଲାଭ ହୋଇ ଭଗବତ୍ ବିଶ୍ୱାସ ଦୃଢ଼ତର ହେବ ।

ସର୍ବେ ଭବନ୍ତୁ ସୁଖିନୋ ସର୍ବେସନ୍ତୁ ନିରାମୟାଃ
ସର୍ବେଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିତ୍ ଦୁଃଖଭାକ୍‌ଭବେତ୍

ନିବେଦକ—ଶ୍ରୀଜଗନ୍ନାଥ ପ୍ରସାଦ ଶର୍ମା
ଏମାର ମଠ ପୁରୀ ।



ସୂଚନା

ଭାରତ ଏକ ଆଧ୍ୟାତ୍ମିକ ତଥା ଦାର୍ଶନିକ ମହାଭୂମି, ସେଥିରେ ବହୁ ଆଚାର୍ଯ୍ୟ-ପାଦ ଜନ୍ମ ଗ୍ରହଣକରି ବିଭିନ୍ନ ଆଧ୍ୟାତ୍ମିକ ଭାବଧାରା ପ୍ରବାହିତ କରି ଅଛନ୍ତି । ସେମାନଙ୍କ ମଧ୍ୟରେ ଶ୍ରୀ ସମ୍ପ୍ରଦାୟ ତଥା ବିଶିଷ୍ଟାଦ୍ୱୈତ ମତ ବାଦର ପ୍ରବର୍ତ୍ତକ ଶ୍ରୀ ମଦ୍ ରାମାନୁଜା ଚାର୍ଯ୍ୟଙ୍କର ସ୍ଥାନ ବହୁ ଉଚ୍ଚରେ ।

ଶ୍ରୀ ମଦ୍ ରାମାନୁଜା ଚାର୍ଯ୍ୟ ୧୧୩୦--୩୧ ଖ୍ରୀଷ୍ଟାବ୍ଦରେ ଉତ୍କଳକୁ ତୀର୍ଥ ଭ୍ରମଣ ମାନସରେ ଆସି ତତ୍କାଳୀନ ଶାସକ ଅନନ୍ତ ବର୍ମ୍ମ ଚୋଡଗଙ୍ଗ ଙ୍କୁ ଓ ଉତ୍କଳ ସାମ୍ରାଜ୍ଞୀ କସ୍ତୁରୀ କାମୋଦଦେବୀଙ୍କୁ ଅପ-ଣୀତ ଧର୍ମରେ ଦୀକ୍ଷିତ କରାଇ ଶ୍ରୀ ଜଗନ୍ନାଥ ମନ୍ଦିରରେ କୋଠି ପ୍ରଥା ପ୍ରଦାନ କରାଇବା ସଙ୍ଗେ ସଙ୍ଗେ ଜଗନ୍ନାଥ ମନ୍ଦିରରେ ଯଥେଷ୍ଟ ପ୍ରଭାବ ବିସ୍ତାର କରିଥିଲେ । ସେହି ଦିନାବଧି ପୁରୁଷୋତ୍ତମ କ୍ଷେତ୍ର ଶ୍ରୀ ସମ୍ପ୍ରଦାୟର ପ୍ରଭାବରେ ପ୍ରଭାବାନ୍ୱିତ ହୋଇ ଆପଣାକୁ ଶ୍ରୀକ୍ଷେତ୍ର ନାମରେ ପରିଚିତ କରାଇଛି ଓ ବିଶିଷ୍ଟାଦ୍ୱୈତ ବାଦର ଧ୍ୱଜା ଉତ୍ତୋଳିତ ହୋଇଅଛି । ପୁଣି ତାଙ୍କ ପ୍ରତିଷ୍ଠିତ ପୀଠ ଏବଂ ଆଉ ଆଶ୍ରମ ଏମାର ମଠ ନାମରେ ବାସ୍ତବ ଆଦର୍ଶ ପରିବେଷଣ କରୁଅଛି ।

ରାମାନୁଜଙ୍କ ଉତ୍କଳ ଆଗମନ ବେଳେ ବହୁ ବିଶିଷ୍ଟ ଉତ୍କଳୀୟ ଶ୍ରୀ ସମ୍ପ୍ରଦାୟ ରେ ଦୀକ୍ଷିତ ହୋଇଥିଲେ ଓ ରାମାନୁଜ ଦର୍ଶନର ଯଥେ-ଷ୍ଟ ପରି ପ୍ରଚାର ହୋଇଥିଲା । ସେମାନଙ୍କର ନାମ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇ ନଥିଲେ ମଧ୍ୟ ପ୍ରତୀୟମାନ ହୋଇଅଛି ଯେ " ସୋମ୍ପିଲଦେବ , ଜଗନ୍ନାଥବ୍ରହ୍ମା (କମଳନୟନ ସ୍ୱାମୀ) ଅଲ୍ଲଣା ଶର୍ମ୍ମା (ବିଶ୍ୱ-କ୍ସେନ ସ୍ୱାମୀ) ପ୍ରଭୃତିଙ୍କର ନାମ ଉଲ୍ଲେଖ ଯୋଗ୍ୟ । ସେହି ମାନଙ୍କ ମଧ୍ୟରୁ ଦ୍ୱିଜନ ହୋତୃବର୍ମ୍ମା ଯେ କି ଅପରା ସମ୍ପ୍ରଦାୟର ପ୍ରଥମ

କୁମାର ନାମରେ ପଣ୍ଡିତ ସେ ଉତ୍କଳ ଭାଷାରେ ଶ୍ରୀ ମଠାଧି ଚରିତ (ରାମାନୁଜଚରିତ) ନାମକ ଏକ ଗ୍ରନ୍ଥ ପ୍ରଣୟନ କରିଅଛନ୍ତି, ଯେଉଁଥିରେ ରାମାନୁଜଙ୍କର ଜୀବନ, ଉତ୍କଳରେ ତାଙ୍କର ପ୍ରଭାବ, ତଥା ପାଞ୍ଚରାତ୍ର ପୂଜାର ବିଧି ପ୍ରଭୃତି ନାନା ବିଷୟର ଉଲ୍ଲେଖ ରହିଅଛି । ଉକ୍ତ ଉପାଦେୟ ପୋଥିଟି ଜୀର୍ଣ୍ଣ ଓଡ଼ିଆମଠ (ଶାଖା) ପୋଥି ମାନଙ୍କ ମଧ୍ୟରୁ ଜଗନ୍ନାଥ ମନ୍ଦିର ଐତିହାସିକ ଗବେଷଣା ସମିତିର ରଘୁନନ୍ଦନ ପୁସ୍ତକାଳୟ ବନ୍ଧୁ କ୍ଳେଶରେ ସଂଗ୍ରହ କରି ପାଠୋଦ୍ଧାର କରୁଅଛନ୍ତି । ଉକ୍ତ ଗ୍ରନ୍ଥଟି ନିକଟ ଭବିଷ୍ୟତରେ ମୁଦ୍ରିତ ହେବାର ଉଦ୍ୟମ ଥିଲେ ମଧ୍ୟ ବର୍ତ୍ତମାନ ତାହା ମଧ୍ୟରେ ଥିବା ଶ୍ରୀ ଯାମୁନାଚାର୍ଯ୍ୟ ବିରଚିତ ଶ୍ରୀ— ସ୍ତୋତ୍ରରତ୍ନ ର ଉତ୍କଳାନୁବାଦ (ଭାଷାପ୍ରବନ୍ଧ) ଟି ଶ୍ରୀ ରାମାନୁଜ ଙ୍କର ନବଶତ ପଞ୍ଚବିଂଶ ବର୍ଷୀୟ ଜୟନ୍ତୀ ଉପଲକ୍ଷେ ପ୍ରକାଶ କରାଯାଇଅଛି ମାତ୍ର ।

ଶ୍ରୀନାଥମୁନି ଙ୍କର ପୌତ୍ର ଈଶ୍ୱରମୁନିଙ୍କର ପୁତ୍ର, ବିଷ୍ଣୁ ସିଂହାସନ ର ଅବତାର, ଯେଉଁ ସର୍ବଦା ବିଷ୍ଣୁଙ୍କର ଆସନ ବା ଆଧାର ଭାବରେ ପରିଚିତ ଉକ୍ତ ଯାମୁନାଚାର୍ଯ୍ୟ ଉକ୍ତ ସ୍ତୋତ୍ରରତ୍ନର ରଚୟିତା ସେ ୯୧୬ ଖ୍ରୀଷ୍ଟାବ୍ଦରେ ମଦୁରା ନଗରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପ୍ରଭାବରେ ପ୍ରଭାବିତ ହୋଇ ଶ୍ରୀମଦ୍ ରାମାନୁଜାଚାର୍ଯ୍ୟ ଶ୍ରୀବରଦ ରାଜଙ୍କ ଚରଣ କମଳରେ ଆତ୍ମୋତ୍ସର୍ଗ କରିଥିଲେ ଓ ଶ୍ରୀ ସମ୍ପ୍ରଦାୟ ପ୍ରଚାରରେ ବ୍ରତୀ ହୋଇଥିଲେ । ଉକ୍ତ ସ୍ତୋତ୍ରର ଅନୁବାଦକ ଏକାଦଶ ଶତକର ରାଜୀବହୋତ୍ରୁ ଶର୍ମା । ବା ସମ୍ଭବ କୂର୍ମ ର ଆଚାର୍ଯ୍ୟ । ଏହି ସ୍ତୋତ୍ରଟି ବିଶିଷ୍ଟାଦ୍ୱୈତ ମତବାଦର ସର୍ବଶ୍ରେଷ୍ଠ ରଚନା ଓ ଭକ୍ତିମୂଳକ । ଏହି ରଚନାଟି ଓଡ଼ିଆଲିପିରେ ପ୍ରକାଶ ପାଇବା ସର୍ବପ୍ରଥମ । ଆଶାକରେ ଉତ୍କଳୀୟ ଧର୍ମାନୁରାଗୀ ସଜ୍ଜନବୃନ୍ଦ ଏହାର ସମୁଚିତ ପାଠଦ୍ୱାରା ଆନନ୍ଦ ଲାଭ କରିବେ

ରାମାନୁଜ ଜୟନ୍ତୀ	ଶ୍ରୀସଦାଶିବ ରଥ ଶର୍ମା
ତା ୧୦।୫। ୧୯୫୧	ଗବେଷକ



ପୁରୀ ରଘୁନନ୍ଦନ ପ୍ରେସରେ
ଶ୍ରୀ ଜଗନ୍ନାଥ ପ୍ରସାଦ ଶର୍ମାଙ୍କ ଦ୍ୱାରା
ପ୍ରକାଶିତ ।

ଶ୍ରୀ ସ୍ତୋତ୍ରରତ୍ନ

(ଗୁରୁ ବନ୍ଦନା)

ଜ୍ଞାନ ବୈରାଗ୍ୟ ମହାନ୍ ନିରଭିମାନ୍ ଗୋବିନ୍ଦ
ଅଖଣ୍ଡ ଭକ୍ତିରେ ଯାଇ ସାଧ୍ୟ ସାଧ୍ୟ ଶୋଭେ
ଭାଗବତ ଭକ୍ତି ନିଷ୍ଠ ଯେ ଅତୀବ ପ୍ରଚାରେ
ପ୍ରଭୁ ନାଥ ମୁନିମାନଙ୍କ ମୋର ନମସ୍କାର । ୧ ।
ଶ୍ରୀ ଭାଗବତ ତତ୍ତ୍ୱ ଯେ ଜ୍ଞାନ ଭକ୍ତି ତର
ତୃପ୍ତାନନ୍ଦ ଯାହାଙ୍କ ଜ୍ଞାନ ଅପାର ଭଣ୍ଡାର
ୟ ଥିବ ଚିତ୍ତ ପରେ ଆଣିଲେ ଯେ ମୋହନ ନାଥ
ତାହାର ପାଦପଦ୍ମେ ଭକ୍ତି ରହୁ ମୋର ମାଥ । ୨ ।
ହରିଭକ୍ତି ସାଗରର ମହାଜଳରାଶି
କଲନା କରି ପ୍ରାଣକେ ଯେ ମହୋତ୍ସବ ବିଶ୍ୱାସୀ
ଜୀବକଲ୍ୟାଣ ନାଶନେ ପରମାର୍ଥ ଗାଢ଼
ସେହି ଗୋସାଇଁ ପାଦପଦ୍ମେ ରହୁ ମତ । ୩ ।
ଚିତ୍ତେ ଚୈତନ୍ୟ ଠାକୁରଙ୍କ ସାକ୍ଷାତ ସ୍ୱରୂପ
ଭୋଗ ମୋକ୍ଷ ଅପବର୍ଗ ଯେ ପର ରୂପ
ବନ୍ଧୁଙ୍କ ସ୍ନେହେ ନୃସିଂହ ଯେ ବନ୍ଧୁ ପୁରାଣ
ବନ୍ଦଇ ପରାଶରଙ୍କ ଅପାର ଶକ୍ତି । ୪ ।
ମାତାରୂପେ ପିତାରୂପେ ଅନନ୍ୟ ହିତେ
କୁଳଗୁରୁରୂପେ ପୁତ୍ର ସନ୍ତାନ ସ୍ନେହରୂପେ
ପରାଙ୍କୁଶ ଯତିରାଜ ଯେ ବିଭାଗମାନ
ବକୁଳ ପୁଷ୍ପଭୂଷିତ ପାଦେ ଆତ୍ମଧ୍ୟାନ । ୫ ।
ଲେଖକରେ ଦେବତତ୍ତ୍ୱରେ ଯାର ଅବସ୍ଥିତି

ଯେଉଁଠାରେ ଜ୍ଞାନାଜ୍ଞାନ ଲଭନ୍ତି ସଙ୍ଗତି
ସେ ଅମ୍ବର କୁଳଧନ କୁଳର ଈଶ୍ୱର
ନତମ୍ୟଂ ହେଉ ପାଦପଦ୍ମ ନୟନ ଗୋଚର ।
ଶିବ ବିରଞ୍ଚି ଯାହାର ଅନ୍ତ ନଜାଣଇ
ଯାହାର ତତ୍ତ୍ୱପାଇଁ ଟେର ହେଉଥାନ୍ତି ଦାଇ
ମୋର ମୁଖେ ଲଜ୍ଜା ନାହିଁ ବର୍ଣ୍ଣିବାକୁ କ୍ଷମ
ତେଣୁ ମୋତେ ମୁହିଁ ପ୍ରଣମିବାକୁ ସକ୍ଷମ ।
ବ୍ରହ୍ମାଆଦି ଦେବଗଣ ଯାହାର ବନ୍ଦନା
କରନ୍ତି ସେ ପଦପ୍ରାନ୍ତେ ହେଲି ମୁହିଁ ମନା
ସାଗର ଅତଳଗର୍ଭେ କୁଳ ପରବତ
ମଗ୍ନ ହୁଏ ପୁତ୍ର ମଗ୍ନ ହୁଏ ଅଣୁ ସେତ । ୮
ତବ ମହିମା କୀର୍ତ୍ତିନେ ନୋହେ ମୁହିଁ ସର
କରୁଛି ତ ଶ୍ରମ ମାତ୍ର ଅଟେ ପ୍ରଭୁହର
ଅଳ୍ପବୁଦ୍ଧି ହୀନ ଯିନା କରୁଛି ରଚିତ
ହେ କଞ୍ଜନୟନ ତବଠାରେ ଦେଇ ଚିତ୍ତ ।
ଏ ଭୁବନମାନ ତବ ବିନୁ ଅନ ନୋହେ
ମହିମା ନକଟେ ଆନ କିବା ପ୍ରଭୁ ଏଣାହେ
ସର୍ବପ୍ରାଣୀର ସୁହୃଦ ତୁମ୍ଭେ ଦେବସ୍ୱାମୀ
ଅଶୋଭା ନୁହଇ ସ୍ନେହ ପ୍ରଭୁ ଅନ୍ତର୍ଯ୍ୟାମୀ ।।
କେବା ସ୍ତାଙ୍କ ଅଛି ପ୍ରଭୁ ଦେବନାରାୟଣ-
ନ କହିବ ଅଦ୍ୱିତୀୟ ଅନନ୍ତ ପୁରାଣ
ଚତୁର୍ମୁଖ ପଞ୍ଚମୁଖ ସହସ୍ର ନୟନ
ମହିମାସାଗରୁ ଜଳବିନ୍ଦୁ ପ୍ରାୟ ହୀନ । ୧୧ ।
ଶ୍ରୀ ଦେବୀର ଶ୍ରୀ ବା କିଏ କେବା ସତ୍ତ୍ୱ ଗୁଣ
ବାହାର ନଳିନନେତ୍ର ସ ରକ୍ଷ ପରାଣ

... କାଳ ଭବେ ଏ ତେତିଶ କୋଟି
ଇନ୍ଦ୍ରଆଦି ମହାମୂର୍ତ୍ତି ହୋଇଥାଇ ଧନ୍ୟ । ୧୨ ।
ହେ ଦେବାଙ୍କ ଦେବେଶ୍ୱର ଛେଦନ ପାତକ
ନାଶିବାକୁ ଶଙ୍କରଙ୍କ ମହତ ଅଟଙ୍କ ।
ଅସୁର ପିଡନୁ ଧରା କେବା ଉଦ୍ଧାରନ୍ତେ
ପାଦୋଦକ ଦେଇ ଶିବ ଜଗତ ପାଳିବେ । ୧୩
କାହାଗର୍ଭେ ଧରାସମସ୍ତ ପୂରଣ ରହିଛି
କେ ରଖିଛି କାହା ନାଭି ସୃଜନା କରିଛି
କେ ଉଦ୍‌ଗାର ପୁଣି ତାହା କରଇ ଭକ୍ଷଣ
କାହାର ନିକଟେ ବ୍ରହ୍ମା ନୁହନ୍ତି ବିଚକ୍ଷଣ । ୧୪ ।
ତୁମ୍ଭେ ସତ୍ତ୍ୱ ତୁମ୍ଭେ ଶୀଳ ତୁମ୍ଭେହିଁ ବିଶୁଦ୍ଧ
ବୁଝିବ କପଟ ବସ୍ତୁ ସ୍ୱଭାବେ ଅଶୁଦ୍ଧ
ଅହେ ଶାସ୍ତ୍ରସିଦ୍ଧ, ବ୍ୟାସ ମହାକୁ ଦକାଟେ
ଅସୁର ସ୍ୱଭାବେ ବସ୍ତୁ ବୁଝିବ କି ସତେ । ୧୫ ।
ଦେଶ କାଳ ପାତ୍ର ଯେବା କରି ଅତିକ୍ରମ
ଶଂକର ହୃଦରେ କରେ ସମ ବା ବିଷମ
ମାୟାରେ ରଖିବ ବାନ୍ଧି ଅଟେ ବିଶ୍ୱକର୍ତ୍ତା
ଚରଣେ ରଖିବ ଚିତ୍ତ ଅଛି କେବା କର୍ତ୍ତା । ୧୬ ।
ଜଳ, ବହ୍ନି, ବାୟୁଆଦି ଯେତେ ଆବରଣ
ସତ୍ତ୍ୱ ରଜ ତମ ଆଦି ପ୍ରକୃତ ପୂରଣ
ପୁରୁଷ ପରମ ପଦ ପରାତ୍ପର ବ୍ରହ୍ମ
ତୁମ୍ଭର ଶକ୍ତିରୁ ଭିନ୍ନ ନୁହନ୍ତି ଜନ । ୧୭ ।
ତୁମ୍ଭେ ଶାନ୍ତ ଦାନବନ୍ତ ଦୟାଳୁ ସରଳ
ସବନ ମାତୃଂସମ କୃତଜ୍ଞ ନିର୍ମଳ
ତୁମ୍ଭେ ଧୀର ସ୍ଥିର ପୁଣି କର୍ମରତନ୍ତ୍ରୀ

ଶ୍ରୀ[illegible] ଅଟନ୍ତି ପ୍ରଭୁ [illegible] ସାରଥୀ । ୧୮ ।
ନୀଳ [illegible] ବେଦାନ୍ତ ତାଙ୍କୁ ଗୁରୁ
ଯାହା ତାଙ୍କୁ [illegible] ଅଟନ୍ତି ମହାମେରୁ
ଯୋଗୀ ଚନ୍ଦ୍ରଙ୍କୁ [illegible] ଶୋଭୁଛି ଅନନ୍ତ
ଦୃଷ୍ଟି [illegible] ଦେବଙ୍କ ସେବାନ୍ତ ।୧୯
[illegible] ପାଦ [illegible] କ୍ରମ
[illegible] ପାଦ [illegible] ଗୁମ୍ଫ
[illegible] ତାଙ୍କୁ ନାମ [illegible] ପ୍ରଭାତେ ରହିଛି
[illegible] କୋଟି [illegible] ନିଷ୍ଠା କରିଛି ।୨୦
[illegible] ମନରୁ [illegible] ସେବା ନମସ୍କାର
[illegible] ମନରେ [illegible] ସେବା ନମସ୍କାର
[illegible] ଅନନ୍ତ ଦେହ [illegible]
[illegible] ମୋହର [illegible] ଦର୍ଶନ । ୨୧ ।
ନାହିଁ [illegible] ମୁହିଁ ନ ଜାଣିଲି ମୋଟେ
[illegible] ନାହିଁ କେବେ ହେଲେ
[illegible] ବିନା ମୋର [illegible] ନାହିଁ ଆଉ
[illegible] ମୋର ଧନ ମାଉ । ୨୨
[illegible] ନାହିଁ [illegible] କର୍ମ
[illegible] ନାହିଁ [illegible] ମୋର ଧାମ
[illegible] ମୋ [illegible] ନାହିଁ
[illegible] ମୋ ବୋଧକ । ୨୩
ଏ [illegible] କରି
ଥିଲୁଁ [illegible]
[illegible]
[illegible] ନାହିଁ ଅନ୍ୟ କିଛି । ୨୪

ଅଶ୍ରୁ ଦୁଃଖ ଦାଳ ମୋର ଜୀବନ ହରିବ
ଚିରଦିନ ସଙ୍ଗୀନାଙ୍କୁ ଏଡ଼ି ନପାରିବ
କିନ୍ତୁ ଦୀନବନ୍ଧୁ ତବ କରୁଣାରୁ ଭଣା
ହେଲେ ଅପ୍ରମାଦ ହେବ ଜଗତେ ଅଶ୍ରୁତା । ୨୫
ସ୍ତନ ଦେଲା ବେଳେ ମାତା ଅପଣା ଶିଶୁକୁ
ସ୍ନେହଭରେ ନିରେଖିଲେ ଦେଖିବେ କି ସ୍ନେହକୁ
ଷେ ଦ ପଙ୍କଜୁ ଅତନ୍ତ୍ର ଅନ୍ତର କଇଲେ
ଗୃହ ଛାରବା କି ଭଲେ କହନ୍ତୁ ଭଲେ । ୨୬ ।
ଅମୃତ ମଧୁ ଆଧାର ଚରଣ ଯୁଗଳ
ଗୃହକି ପାରିବ ଜୀବ ଥରେ ହେଲେ ଭୋଳ
ମଧୁପ କେବେକି ତେଜି ଅମ୍ଳାନ ପଙ୍କଜ
ଚଳନ୍ତୁଲେ ପାଇବକି ସତେ ମଧୁରଙ୍କ । ୨୭ ।
ବାଟେ କେହୁ ନରଣିରେ ଦଣ୍ଡାଞ୍ଛିଲା ହେଲେ
ନାଶ ହୁଅଇ ଦୁଷ୍କୃତ ଯେତେ ଅବାଥିଲେ
ଆହେ ଶିବ ସୁକୃତ ତ ତ୍ରୁଟି ନାହିଁ ମୁଣ୍ଡି
ସଫଳ କେମନ ହେବ ଶୁଭ ତ ଅପଣା । ୨୮ ।
ତ୍ରିଲୋକ ନଳିନ ପାଦ ମୂଥାରୁ ଯେ ଲଭେ
ପାଇଅଛି ସେବା ଦୁଃଖ ଲଭିବ କି ଭବେ
ସଂସାର ବନ୍ଧନ ମଧ୍ୟ ହୁତାଶନ ଦାଉ
ନିବାରନ୍ତି ମୁଣ୍ଡିଲେ ଅଛି କିଏ ଅଉ । ୨୯ ।
ଲୀଳାମୟ ତ୍ରିଭୁବନେ ଅପଣା କାରେଣି
ଭକ୍ତ ଦୁଃଖ ନାଶନକୁ ଯାରଣ୍ଡଦ ମଣି
ସତେକି ଏମନ୍ତ ଭାଗ୍ୟ ମୋର ଉଦେହେବ
ଅଧମ ପାଦ କମଳ ନୟନେ ଦେଖିବ । ୩୦ ।
କମ୍ବୁନଙ୍କ ଧ୍ୱଜ କଳ୍ପ ବୃକ୍ଷରେ ବାନ୍ଧିତ.

ଖାଦ୍ୟ ପେଟିକା ଯାହାର ବକ୍ଷେ ସୁଶୋଭିତ ।
ଏ ବିକ୍ରମ ଏହି ଭାଗ୍ୟ ହୋଇବ କି ଜାତେ
ସେ କୋମଳ ପାଦଦ୍ୱୟ ଲାଗିବ ତୋ ଶିରେ
ଅତସୀ କୁସୁମ ପ୍ରାୟ ଅଙ୍ଗ ରୂପ ଯାର
ଉଜ୍ଜଳ ପୀତ ବସନ କାଛୁଣୀ ସୁନ୍ଦର
ଗମ୍ଭୀର ନାଭି ଯାହାର କର ସମକଟି
ଶୋଭିତ ହୁଏ ପ୍ରଶସ୍ତ ହୃଦୟ ପ୍ରକଟି । ୩୨ ।
ଅଟେ ମଙ୍ଗଳ ଆଧାର ଗୃହସ୍ଥଳୀ ଶୋହେ ।
ଦେଖିଲେ ମୁନିଙ୍କର ମନ ତହିଁ ଲାଗିରହେ
ପ୍ରିୟାର ଅଳକା ସଦୃ ସେ କର୍ଣ୍ଣ ଭୂଷଣ
ଶିଥିଳ କେଶ ମର୍ଦ୍ଦନ ତାହା କି କାରଣ । ୩୩
କର୍ଣ୍ଣ କୁଣ୍ଡଳ ଯାହାର ଗଣ୍ଡଦେଶ ଚୁମ୍ବେ
ପୂର୍ଣ୍ଣଚନ୍ଦ୍ର ହୁଏ ମ୍ଳାନ ଯାର ପ୍ରତିବିମ୍ବେ ।
ସଦ୍ୟ ପ୍ରସ୍ଫୁଟିତ ପଦ୍ମ ଉତ୍ଫୁଲ୍ଲରୁ ବଳି
ତାହାର ଲୋଚନ ଶୋଭା ପାରେ କେବା ଭାଳି । ୩୪
ଆପଣଙ୍କ ନୟନ ଯେ ସାକ୍ଷାତ କମଳ
ଅକୁଞ୍ଚିତ ଭ୍ରୂକୁଟି ଯେ ଅଧର ଉଜ୍ଜଳ
ସୁନିର୍ମଳ ମୃଦୁହାସ୍ୟ କୋମଳ ହୃଦୟ
ଉଚ୍ଚ ନାସିକା ଲଲାଟ ପରେ କେଶଚୟ । ୩୫ ।
ମସ୍ତକେ ଶୋଭଇ ପ୍ରଭୁ ଫୁଲ୍ଲୀନ କିରୀଟ
କୁଣ୍ଡଳ କେୟୂରହାର ଅଙ୍ଗଦ ଶୋଭିତ
ଓଡ଼ିଆଣି ନୂପୁରରେ ଶୋଭିତ ପୟର
କମ୍ବୁ ନଳିନ ଶୋଭିତ ଗଳେ ବନହାର । ୩୬
ତବ ବକ୍ଷଦେଶେ ଯେହ୍ନେ କରଇ ବିହାର
କ୍ଷୀର ସାଗର ମଧ୍ୟରୁ ଯେ ହେଲେ ବାହାର

ଯାହାର ଉଦରେ ତ୍ରିଭୁବନ ଶୋଭାପାଏ !
ଯାହା ଅଟେ ସାଗରର ବାରି ମଗ୍ନା ହୁଏ । ୩୭
ଯାହାସଙ୍ଗ ସୁଖ ଭୁଞ୍ଜେ ସର୍ବଦା ଭକ୍ତ
ନବ ନବ ଭାବଅର୍ଥେ ଯେବା ସମକ୍ଷୁ
ଦଣ୍ଡେ ଦଣ୍ଡେ ନବଭାବ ଭେଦ ସଞ୍ଚରଇ
ତୁମ୍ଭର ଭାବନା ଭାବେ ସନ୍ତର୍ପେ ରାଜଇ । ୩୮ ।
ତ୍ରିଭୁବନ ପାଳକଣୀ ଯାହାର ବଦନ
ଫଣିର ମଣିଶୋଭାର ଅତ୍ୟନ୍ତ ସୁଠାମ
ସେ ମଧ୍ୟ ଅନନ୍ତ ମହା ଗମ୍ଭୀର ମୁରତି
ଶ୍ରୀଦେବୀଙ୍କ ସହ ପ୍ରଭୁ ଯହିଁ ବିରାଜନ୍ତି । ୩୯ ।
ଯେ ଅନନ୍ତ ଶଯ୍ୟାଭାବେ ଶରୀର ଧରଇ
ଅସନ ସ୍ୱାସ୍ଥ୍ୟକ ଯେମନ୍ତ ତନ୍ଦ୍ରା ନିବାରଇ
ଭୂଷଣ ଭାବରେ ଯେହ୍ନ ମନୋହର କରେ
ଧାସ୍ୟଭାବେ ଚୂଡ଼ାନ୍ତ ଯେ ଶେଷନାମ ଧରେ । ୪୦
ତବ ଶ୍ରୀପଦ ଲକ୍ଷ୍ମିନ ଯାହା ଦିବ୍ୟ ଶୋଭା
ଦାସଭାବେ ବଢ଼ଇ ଯାର ଦନ୍ତ ପ୍ରଭା
ଦ୍ୱିଜ ଶୃଙ୍ଗ ଅ ବ୍ୟଜନ ପ୍ରାୟେ ମେ·ଘଟଇ
ପୁରୋଭାଗେ·ଶ୍ରୀଗରୁଡ଼ ନାମଙ୍କୁ ବହି । ୪୧ ।
ତେବେ ଖାଦ୍ୟ ଅବଶେଷ·ଯେ ପ୍ରିୟେ·ଭୁଞ୍ଜଇ
ତୁମ୍ଭର ପାଳନେ ଯାର ମନସଦା ଥାଇ
ସେନାପତି ଭାବେଯାହା କରେ ନିବେଦନ
ଗ୍ରହଣ କରନ୍ତି ପ୍ରଭୁ ଧନ୍ୟ ବିଷ୍ୱକ୍ସେନ । ୪୨ ।
ନାହିଁ ଯାର ଦୁଃଖକ୍ଲେଶ ନାହିଁ ଅବସାଦ
ତବ ବିରହରେ ଯାର ଜାତହୁଏ ଖେଦ
ଅପଣା କାର୍ଯ୍ୟସାଧନେ·ରତ ଦେବୋ ଥାନ୍ତି

ହରି ପାର୍ଷଦ ଗଣଙ୍କ ମଧ୍ୟରେ ବୋଲାନ୍ତି ।୪୩।
ପ୍ରେମଅଦ ଗଦ ପୂର୍ଣ ମହଦାଦ ଭବ
କାଲ୍ୟାହାର ନମିଷ୍ଟ ଗନ୍ତୁର ସ୍ତୁଭବ
ପୂର୍ଣ୍ଣାସ୍ତୁ କିଷ୍ଟାରେ ଦେହୁ ପ୍ରିୟାମନ ମୋହେ
ଏହେ ମହାଦାନ୍ତୁ ଭୁଜ ତହିଁ ଶୋଭାପାଏ ।୪୪।
ତୁମ୍ଭେ ଅଚିନ୍ତ୍ୟ ଅଦ୍ଭୁତ ସୌନ୍ଦର୍ଯ୍ୟ ସାଗର
ଶୋଭାମୟୀ ଶ୍ରୀଦେବୀଙ୍କ ନୟନ ଚକୋର
ଭକତଜନଙ୍କ ବନ୍ଧୁ ଜୀବର ଜୀବନ
ଅଭିଷ୍ଟଙ୍କୁ କଲ୍ପବୃକ୍ଷ ପ୍ରଭୃତି ଅପଣ । ୪୫ ।
କାମି ମୁଁ ଏକେବେ ତେଜିବି ଦୁଃସହ ବାସନା
କେବେ ଦାସ ବୋଲି ପ୍ରଭୁ କରିବେ ବା ସେନା
ପାଦପଦ୍ମ ସେବାନ୍ତୁ ମୁଁ କାଳ ପୁରାଇବି
ହାସ ହାସ ଶ୍ରୀବଦନ ସତେକି ଦେଖିବି । ୪୬ ।
ଶିବ ସନକ ନାରଦ ଗଣେଶ ଯାହାଗୁଣ
ଧ୍ୟାନରେ ଚିନ୍ତି ନପାରି ଦେନନ୍ତି କରୁଣ
ସଦାଚାଳ କାମିହୀନ ମୁହିଁ ଅଜ୍ଞମୂଢ
ଚରଣ ଦାସ ହେବାକୁ ହୋଇଅଛି ଦୃଢ । ୪୭ ।
ସଦା ଅପରାଧୀହେ ହରି ପତିତ ମୁଁ ଜଣେ
ଅଧମ ଅଟଇ ଧରା ସମୁଦ୍ର ତରଣେ
ଅନ୍ୟଗତି ନାହିଁ ମୋର ଶରଣ ପଶିଲି
ତବ କରୁଣା କୁ ଦୃଢେ ଅନାଇଁ ରହିଲି । ୪୮
ଅଟଇ ଭବ ବରଷା ଘୋରତରେ ମାଝ
ଅଜ୍ଞାନ ମେଘ ଅଟଇ କର ଘୋର ରଜ
ଦୁଃଖ ବାରିଧାର ମୋତେ ଭସାଇଣ ଦେବ
ହେ ଅଚ୍ୟୁତ ତୁମ୍ଭ କୃପା ବିନା କେ ରକ୍ଷିବ । ୪୯,

ଆହେ ନାଥ ଦୟାଂସିନ୍ଧୁ ସତ୍ୟ ବୋଲଜାଣି
କାହିଁକି ଭାଷିବ ବୃଥା ମିଥ୍ୟା ଅକାରଣ
ତୁମ୍ଭେ ଯଦି ମୋର ତଳେ ଦୟା ନକରିବ
ଜଗତରେ ଦୟାଭାବ ଅଉ କେ ବହିବ । ୫୦
ତୁମ୍ଭ ବିନା ପ୍ରଭୁ ଅଉ ସତେ କ ମୋହର
ମୋପରି ଅଧମ ଦାସ ପ୍ରଭୁ ରେ ନହେବ
ମୁଁ ତୁମ୍ଭର ଦାସ ଏହା ବିଧିର ସୃଜନା
କରୁଣା କରି ନ ତେଜ ମୋତେ କାନ୍ତ ଯେନା । ୫୧
ଅଙ୍ଗ ଗଠନେ ଥାଉ ମୋ ଦୋଷ ଯେତେ ଅବା
ଗୁଣରେ ମୋହର ଥାଉ ଅଭାବ ଯେତେ ଥିବା
ମୋର ବୋଲି ଯେଉଁ ଭାବ ହୃଦୟେ ପୋଷିଛି
ଅଜି ଏହୁ ସତେ ତବ ପାଦେ ସମର୍ପିଛି । ୫୨
ମୁଁ ଯଦି ପ୍ରଭୁ ସମ୍ମୁଖରେ ଆହ୍ଲାଦେ ସମ୍ଭଳ
ସମର୍ପିଲି ହେଲା ତବ ପ୍ରାଣନ ସକଳ
ମୋହ ପାଦେ ଅଉ କିଛି ଅଛି କି ହେ ହରି
ଉପହାର ଭାବେ ପାଦେ ଭେଟିବି ବା ଧରି । ୫୩
ମୋହ ଅନ୍ତରେ ଜଗାଇ ଅଛ କୃପାନିଧି
ମୁଁହୁ ତୁମ୍ଭର ବୋଲିଣ କରିଛି ସମ୍ମୁଖି
ଚିରକାଳ ସେହି ଭକ୍ତି ଅଧମରେ ଦିଅ
ତୁମ୍ଭ ଦୟାଭୋଗକର୍ତ୍ତା ଅନ୍ୟେନ ଭୋଗାଅ । ୫୪
ଯେଉଁ ଜନ ପ୍ରଭୁ ଦାସ ବୋଲି ଅଛି ତାଙ୍କ
ତାହା ଗୃହେ କୀଟ ସମ ହେବ ମଛେ ପାକ
ଇତର ଜନ ଗୃହରେ ଜଗନ୍ନାଥ ସମ
ହେବା ମୋହର ଅଟଇ ସେ ମନ୍ଦ କରମ । ୫୫
ଯେଉଁ ହିଜ ଯୋଗୀଜନ ତବ ଶ୍ରୀବିଗ୍ରହ

ଦର୍ଶନ ଆଶାରେ ଚେତକିଛନ୍ତି ସର୍ବମୋହ
ତାଙ୍କପରି ଅଧମକୁ କରନ୍ତୁ ସୁଦୟା
ଭବବନ୍ଧନରେ ବ୍ୟଥାଯାଏ ମୋରକାୟା । ୫୭ ।
ତୁମ୍ଭବଭୂତ ଚିନ୍ତାରୁ ନହଟିବ ଭଲେ
ଦେହପ୍ରାଣ ସର୍ବସ୍ୱ ଭେଜିବ ମୁଁ ହେଲେ
ନଜ୍ଞହେଉ ମୋ କାମନା ଶତଶତ ଗୁଣ
ଏହ ସତ୍ୟ ଶ୍ରୀଚରଣେ କରଇ ଜଣାଣ । ୫୮ ।
ଅଶେଷ ପାପମୁଁ କରିବ ଅଚରଣ ଅଛି
ମୁକତ ହୋଇଣ ମୋର ନାହିଁ ଲଭେ କିଛି
କିନ୍ତୁ ତବଗୁଣ ବାରଂବାର ମୁଁ ଚିନ୍ତଇ
ଏହସତ୍ୟ ଭଲେହେଲେ ମିଥ୍ୟାଟି ନୁହଇ । ୫୮ ।
ମଦ ମୋହଗ୍ରନ୍ଥେ ବୁଦ୍ଧି କରିଛି ଦହନା
ହୃଦୟରେ ନାହିଁ ମୁକ୍ତି କରଇ ରଚନା
ତଥାପି ତ ତବଗୁଣ ମୁକ୍ତିମୁଁ ଧରୁଛି
ଏହ କରୁଣା ତ ହରି ମୁହିଁ ମନାସିଛି । ୫୯ ।
ତୁମ୍ଭେ ଜନକ ଜନନୀ ତନୟ ସୁହୃଦ
ପରମମିତ୍ର ତୁମ୍ଭେତ ମୋ ଧନ ସଂପଦ
ମୁଁ ତୁମ୍ଭର ଦାସ ତୁମ୍ଭେ ମୋହର ଖାମିଦ
ମୋର ଚିନ୍ତାରେ ନିହନ୍ତୁ ଥିବ ନବ ହୃଦ । ୬୦ ।
ଯାହା ନାମ ଗାଥା ଯେବା ନିକାଲ ଦରଶି
ତବ ମହାତ୍ମ୍ୟ କୀର୍ତ୍ତନେ ଯେଯାରେ ଉରସି
ଯେହ୍ନ ମହତ ଅଶ୍ରୁ ଅଂଶେ ହୋଇଯାତ
ଗାଢ଼ଅନ୍ଧକାରେ ମୁହିଁ ହୋଇଛି ପତିତ । ୬୧ ।
ଅସଂଖ୍ୟ ଚଞ୍ଚଳମୁଁ ଖଳ ଅଭିମାନୀ
କାମୁକ କପୁରୁଷ ପାପୀ ଅଟେ ମନ୍ଦକାମୀ

କେଷଣେ ଖରୀଣ ଏନ୍ତୁ ଗଢ଼ିଲ ସଂସାରୁ
ଲଭିବ କରୁଣା କୃପା ଦେଉ ଶ୍ରୀଗୁରୁ ।୬୨।
ହେ ରାମ ହେତେବ ପାଦେ ପ୍ରଣାମି ଥିବାରୁ
ଦୟାକଲ ଭୂସନ୍ତ୍ରକୁ ରହେ ମହାମେରୁ ।
ଅପରାଧୀ ଶିଶୁପାଳ କଲ ତ ସୁଦୟା
କି ଅଛି ଯେ ମୁକୁନ୍ଦନାମ ନ କରିବ ଦୟା
ଶରଣାଗତଙ୍କୁ ସ୍ୱୀୟ ରକ୍ଷିବ ବୋଲଣ ।
ଶ୍ରୀମୁଖେଣ ବଦଥି ଅଛ ବଚୁର ଅପଣ ।
ମୁଁ ଯେବେ ଶରଣାଗତ କିମ୍ପା ନରଖିବ
ମୋତେ ନରଖିଲେ କେବା ଆଶ୍ରୟ କରିବ ।୬୪।
ତବ ଶ୍ରୀଚରଣେ ଯେବା ଅଣ୍ଡେ ଦଠି ଥିଲେ
ତବ ପ୍ରେମ ଭେଲେ ସଦା ମତ୍ତ ଯେ ହୋଇଲେ
ସେ ମୋହର ପିତାମହ ନାଥମୁନୀ ପ୍ରଭୃତେ ପୂର୍ବ
କରନ୍ତୁ ସୁଦୟା ମୋତେ ନାଶିଣ ଅବିଦ୍ୟା ।୬୫।

ଇତି ଶ୍ରୀ ଯାମୁନାଚାର୍ଯ୍ୟ ବିରଚିତ ସ୍ତୋତ୍ରରତ୍ନେ
ଛଷ୍ଟା ପ୍ରାକୃତବାନ୍ଧେ ଶ୍ରୀ ସମ୍ପତ କୁମାର ବଚିତ
ସ୍ତୋତ୍ରରତ୍ନ ସମ୍ପୂର୍ଣ୍ଣ



[illegible] ଅନ୍ୟାୟଗୁଡ଼ିକ, [illegible] — ଅଭାବ
[illegible] ଦୂର କରି [illegible]
[illegible] ଗାନ୍ଧୀଜୀଙ୍କ [illegible] ମାନବ ସମାଜର
ସମ୍ପୂର୍ଣ୍ଣ ଉନ୍ନତି ପାଇଁ —

ଉତ୍କଳ କେଶରୀ

ସାପ୍ତାହିକ ସମ୍ବାଦପତ୍ର

ପୁରୀରୁ ପ୍ରକାଶପାଉଛି । ଗ୍ରାହକ, ଏଜେଣ୍ଟ ଓ ସମ୍ବାଦଦାତା ହେବାପାଇଁ ଶୀଘ୍ର ପତ୍ର ଲେଖନ୍ତୁ । ବିଜ୍ଞାପନଦାତାମାନଙ୍କର ବିଜ୍ଞାପନ ସୁବିଧାରେ ଗ୍ରହଣ କରାଯାଏ ।

ପୁରୀ ରଘୁନନ୍ଦନ ପ୍ରେସରେ ଶ୍ରୀ କୃଷ୍ଣ ମୋହନ ମିଶ୍ରଙ୍କ ଦ୍ୱାରା ମୁଦ୍ରିତ
୧୯୫୧